## ସଂକ୍ଷେପରେ

### ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ଘଟଣା
## ବ୍ଲକ ସହାୟକ ଯନ୍ତ୍ରୀ ନିଲମ୍ବିତ

ପଦ୍ମପୁର, ୧୭।୭ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତର ସୁଗୋ ଉଚ୍ଚ ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସିବା ଘଟଣାରେ ବ୍ଲକ ସହାୟକ ଯନ୍ତ୍ରୀ ଉତ୍ତମ କୁମାର ସାହୁଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ପଞ୍ଚାୟତିରାଜ ବିଭାଗ ଚିଠି ନଂ. ୧୩୨୬୭ ତା ୧୫।୭।୨୨ ରିଖ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ନିଲମ୍ବନ ପିରିୟଡ୍‌ରେ ସେ ଜିଲା ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସହ କର୍ତ୍ତୃପକ୍ଷଙ୍କ ଅନୁମତି ବିନା କାର୍ଯ୍ୟାଳୟ ପରିତ୍ୟାଗ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ଗତ ୩ ତାରିଖରେ ନିରାପତ୍ତା ସମ୍ପର୍କିତ ବୈଠକ ଚାଲିଥିବା ବେଳେ ଛାତରୁ ପ୍ଲାଷ୍ଟର ଖସି ଜଣେ ଅଭିଭାବକଙ୍କ ସହ ୫ ଛାତ୍ରୀଛାତ୍ର ଆହତ ହୋଇଥିଲେ। ୫-ଟି ରୂପାନ୍ତରିତ ଏହି ବିଦ୍ୟାଳୟରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଯୋଗୁ ଛାତରୁ ପ୍ଲାଷ୍ଟର ଖସିଥିବା ନେଇ ଅଭିଯୋଗ ହୋଇଥିଲା।

## ମନ୍ଦିର ପରିସରରେ ଚାରା ରୋପଣ

ସିମୁଳିଆ,୧୭।୭(ଡି.ଏନ.ଏ.)- ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ଅଧୀନ ଖଡ଼ିଗଡ଼ିଆ ଅଞ୍ଚଳର ପ୍ରଭୁ ବଟେଶ୍ୱର ମହାଦେବ, ମା' ପାର୍ବତୀ ଓ ଶନିଦେବଙ୍କ ମନ୍ଦିର ବେଢ଼ା ପରିସରରେ ରବିବାର ପୂର୍ବାହ୍ନରେ ଶ୍ରୀଫଳ ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଆଧାତ୍ମିକବାଦୀ ଶିବ ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ରୂପେ ବାଉରିପଦା ପଞ୍ଚାୟତର ସମିତିସଭ୍ୟ ଗଜେନ୍ଦ୍ର ସେଠୀ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର, ପ୍ରୟାସ ଟ୍ରଷ୍ଟର କର୍ମୀ ସନ୍ତୋଷ କୁମାର ନାୟକ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ବୟୋବୃଦ୍ଧ ଭାବ ବେହେରା, କୁସୁମ ପଣ୍ଡା ପ୍ରମୁଖ ଚାରା ରୋପଣ କରିଥିଲେ। ମୁଖ୍ୟ ସହଯୋଗୀ ରୂପେ ଉମାକାନ୍ତ ମହାଳିକ, ମଦନ ମୋହନ ସିଂ, କେହଲାସ ଶିଅଳ, ଏସ୍. କାନ୍ତା ରାଓ, କାହ୍ନୁ ଚରଣ ପାଣିଗ୍ରାହୀ ପ୍ରମୁଖ ଥିଲେ। ମନ୍ଦିର ପୂଜକ ଶରତ ପାଣିଗ୍ରାହୀ ପୂଜା କରିଥିଲେ।

## ପଞ୍ଚୁବିଷାରୁ ପଞ୍ଚଲିଙ୍ଗେଶ୍ୱର ବୋଲବମ୍ ଯାତ୍ରା

ବାହାନଗା,୧୭।୭(ଡି.ଏନ.ଏ.)- ବାହାନଗା ବ୍ଲକ ଆରୁହାବାଡ଼ ପଞ୍ଚାୟତର ପଞ୍ଚୁବିଷା ନଦୀରୁ ପଞ୍ଚଲିଙ୍ଗେଶ୍ୱରକୁ ୩ ଶହରୁ ଉର୍ଦ୍ଧ୍ୱ କାଉଡିଆ ବୋଲବମ୍ ଯାତ୍ରାରେ ଯାଇଛନ୍ତି। ରବିବାରଠାରୁ ଏହି ଯାତ୍ରା ଆରମ୍ଭ ହୋଇଛି। ଆରୁହାବାଡ଼ ପଞ୍ଚାୟତର ରୂପଖଣ୍ଡ, ବରଜଦେଉଳି,ଖରାସାହାପୁର ମାଝିସାହି ଗ୍ରାମର ୩ ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ପଞ୍ଚୁବିଷା ନଦୀଘାଟରୁ ପାଣି ଉଠାଇ ନୀଳଗିରି ସ୍ଥିତ ପ୍ରମୁଖ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରଙ୍କଠାରେ ଜଳାଭିଷେକ କରିବାର କାର୍ଯ୍ୟକ୍ରମ ରହିଛି। ଦେବେନ୍ଦ୍ର ମହାଳିକ, ସଦାନନ୍ଦ ନାୟକ, ଲମ୍ବୋଧର ବେହେରା. ନିରଞ୍ଜନ ମାଝୀ, ମହେନ୍ଦ୍ର ମାଝି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଖଇରା,୧୭।୭(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୧୧ ଛାତ୍ରୀଛାତ୍ରଙ୍କୁ ରବିବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପୁରାତନ ଛାତ୍ର ପରିଷଦ ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ମହାବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ମଦନମୋହନ ମହଲା ମୁଖ୍ୟବକ୍ତା, ଡ. ଅଭୟ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ ପ୍ରମୋଦ ମହାପାତ୍ର ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ। ଶେଷରେ କୃତିଛାତ୍ରୀଛାତ୍ର ସଞ୍ଜନା ସାହୁ, ବିଶ୍ୱଜିତ ରାଜ ଶେଖର ପଣ୍ଡା, ଓମଶ୍ରୀ ସାମଲ, ଶୁଭସ୍ମିତା ସାହାଣୀ, ରାକେଶ ଗିରି, ଠାକୁର ଜନ୍ମେଜୟ ଦାସ, ଲକ୍ଷ୍ମୀପ୍ରିୟା ନାୟକ, ଲୋପାମୁଦ୍ରା ମାଝୀ, ହରିଶଙ୍କର ମହାନ୍ତି, ଶୁଭଶ୍ରୀ ରାଉଳ, ସୁବ୍ରତ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମଲୋଚନ ଜେନା,ରାଧାକାନ୍ତ ବେହେରା, ମଧୁସୂଦନ ଜେନା ପ୍ରମୁଖ ପୁରାତନ ଛାତ୍ର ସହଯୋଗ କରିଥିଲେ।

# ଜନଶୁଣାଣିରେ ବ୍ୟକ୍ତିଗତ ଅଭିଯୋଗ ସର୍ବାଧିକ

**ବାଲେଶ୍ୱର ଅଫିସ,୧୭।୭**

ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗକୁ ସମାଧାନ କରିବା ଲାଗି ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଆସୁଛି। ଜିଲାରେ ସମସ୍ତ ବ୍ଲକରେ ମାସର ପ୍ରତ୍ୟେକ ସୋମବାର ଏହି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ସାମୁହିକ ସମସ୍ୟାଠାରୁ ବ୍ୟକ୍ତିଗତ ଅଭିଯୋଗ ସର୍ବାଧିକ ପଞ୍ଜିକରଣ ହେଉଥିବା ଦେଖିବାକୁ ମିଳିଛି।

ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସହ ସ୍ଥାନୀୟ ପ୍ରଶାସକ ଉପସ୍ଥିତ ରହୁଥିବାରୁ ଲୋକମାନଙ୍କ ସମସ୍ୟା ସରଳ ଓ ସହଜରେ ସମାଧାନ ହେବାର ଉପାୟ ବାହାରି ପାରିବ ବୋଲି ଲୋକେ ଏହି ଦିନଟିକୁ ଅପେକ୍ଷା କରିଥାନ୍ତି। ଅନ୍ୟପକ୍ଷରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ଲୋକେ ଜିଲା ମହକୁମାକୁ ଆସି ବିଭିନ୍ନ ବିଭାଗର ଜିଲା ଅଧିକାରୀଙ୍କ ସମେତ ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ସମ୍ଭବ ହେଉ ନ ଥିବାରୁ ଏହି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଲୋକମାନଙ୍କୁ ସେବା ଯୋଗାଇ ଦେବାର ଏକ ସୁ-ବ୍ୟବସ୍ଥା କରିଛନ୍ତି। କିନ୍ତୁ ସରକାରୀ ଅଧିକାରୀଙ୍କ ଅନିଚ୍ଛା ଏବଂ ଆନ୍ତରିକତା ଅଭାବରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଯୋଗ କରିଥିବା ଲୋକମାନେ ଉଚିତ୍ ସମୟରେ ସେବା ପାଇପାରୁ ନ ଥିବା ଦେଖିବାକୁ ମିଳୁଛି। ଫଳରେ ଅଭିଯୋଗକାରୀଙ୍କ ସମସ୍ୟା ଦୂର ହେବା ତ ବଡ଼ କଥା ଅଧିକ ସମସ୍ୟାରେ ଛନ୍ଦି ହୋଇପଡ଼ୁଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁସାରେ ୨୦୨୨ ଅପ୍ରେଲ ୧୮ରେ ଜିଲାପାଳଙ୍କ ଅଫିସ୍‌ରେ ହୋଇଥିବା ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ୩୬ଟି ଅଭିଯୋଗ ପଞ୍ଜିକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୨୪ ଏବଂ ଗ୍ରାମୀଣ (ସାମୁହିକ)

### ରିପୋର୍ଟରେ ସମାଧାନ, ସ୍ଥିତି ଭିନ୍ନ

୧୨ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗ ମଧ୍ୟରୁ ୨୪ଟି ଅଭିଯୋଗକୁ ଉକ୍ତ କାର୍ଯ୍ୟକ୍ରମରେ ସମାଧାନ କରାଯାଇଥିଲା। ସେହିପରି ଗତ ଅପ୍ରେଲ ୨୫ରେ ଭୋଗରାଇ ବ୍ଲକରେ ୫୦ଟି ଅଭିଯୋଗ ମଧ୍ୟରୁ ୩୧ଟିର ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୪୪ ଏବଂ ଗ୍ରାମୀଣ ୬ ଅଭିଯୋଗ ଥିଲା। ଗତ ମଇ ୨ରେ ରେମୁଣା ବ୍ଲକରେ ୧୩୩ଟି ଅଭିଯୋଗ ମଧ୍ୟରୁ ୭୮ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୧୦୯ ଏବଂ ଗ୍ରାମୀଣ ୨୪ ଅଭିଯୋଗ ଥିଲା। ଗତ ମଇ ୯ରେ ବସ୍ତା ବ୍ଲକରେ ୧୧୭ଟି ଅଭିଯୋଗ ମଧ୍ୟରୁ ୬୨ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୯୪ ଏବଂ ଗ୍ରାମୀଣ ୨୩ ଅଭିଯୋଗ ଥିଲା। ଗତ ମଇ ୧୭ରେ ଜଳେଶ୍ୱର ବ୍ଲକରେ ୧୯୮ଟି ଅଭିଯୋଗ ମଧ୍ୟରୁ ୧୨୦ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୧୭୨ ଏବଂ ଗ୍ରାମୀଣ ୨୬ ଅଭିଯୋଗ ଥିଲା। ଗତ ମଇ ୨୩ରେ ବାଲିଆପାଳ ବ୍ଲକରେ ୫୦୫ଟି ଅଭିଯୋଗ ମଧ୍ୟରୁ ୩୧୨ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୩୯୩ ଏବଂ ଗ୍ରାମୀଣ ୧୧୨ ଅଭିଯୋଗ ଥିଲା। ଗତ ମଇ ୩୧ରେ ନୀଳଗିରି ବ୍ଲକରେ ୧୧୭ଟି ଅଭିଯୋଗ ମଧ୍ୟରୁ ୬୭ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୯୫ ଏବଂ ଗ୍ରାମୀଣ ୨୨ ଅଭିଯୋଗ ଥିଲା। ଗତ ଜୁନ୍ ୬ରେ ଔପଦା ବ୍ଲକରେ ୧୬୫ଟି ଅଭିଯୋଗ ମଧ୍ୟରୁ ୯୬ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୧୩୦ ଏବଂ ଗ୍ରାମୀଣ ୩୫ ଅଭିଯୋଗ ଥିଲା। ଗତ ଜୁନ୍ ୧୩ରେ ବାହାନଗା ବ୍ଲକରେ ୮୬ଟି ଅଭିଯୋଗ ମଧ୍ୟରୁ ୫୨ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୬୯ ଏବଂ ଗ୍ରାମୀଣ ୧୭ ଅଭିଯୋଗ ଥିଲା। ଗତ ଜୁନ୍ ୨୦ରେ ସୋର ବ୍ଲକରେ ୬୧ଟି ଅଭିଯୋଗ ମଧ୍ୟରୁ ୩୭ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୪୪ ଏବଂ ଗ୍ରାମୀଣ ୧୭ ଅଭିଯୋଗ ଥିଲା। ଗତ ଜୁନ୍ ୨୭ରେ ସିମୁଳିଆ ବ୍ଲକରେ ୧୪୬ଟି ଅଭିଯୋଗ ମଧ୍ୟରୁ ୯୭ଟିରେ ସମାଧାନ ହୋଇଥିଲା। ବ୍ୟକ୍ତିଗତ ୧୧୯ ଏବଂ ଗ୍ରାମୀଣ ୨୭ ଅଭିଯୋଗ ଥିଲା। ଗତ ଜୁଲାଇ ୪ରେ ଖଇରା ବ୍ଲକରେ ୧୧୬ଟି ଅଭିଯୋଗ ମଧ୍ୟରୁ ୭୨ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୮୯ ଏବଂ ଗ୍ରାମୀଣ ୨୭ ଅଭିଯୋଗ ଥିଲା। ଗତ ଜୁଲାଇ ୧୧ରେ ସଦର ବ୍ଲକରେ ୮୯ଟି ଅଭିଯୋଗ ମଧ୍ୟରୁ ୫୯ଟିର ସମାଧାନ ହୋଇଥିଲା। ବ୍ୟକ୍ତିଗତ ୭୦ ଏବଂ ଗ୍ରାମୀଣ ୧୯ ଅଭିଯୋଗ ଥିବାର ଜଣାପଡ଼ିଛି। କିନ୍ତୁ ବ୍ୟକ୍ତିଗତ ଓ ଗ୍ରାମୀଣ ଅଭିଯୋଗ ସମାଧାନ ହୋଇଯାଇଥିବା ଜନଶୁଣାଣି କାର୍ଯ୍ୟକ୍ରମ ରିପୋର୍ଟରେ ଦର୍ଶାଯାଇଛି। ତେବେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଏବଂ କେତେକ ଅଭିଯୋଗ ସମାଧାନ ହୋଇପାରି ନ ଥିବାରୁ ଜଳେଶ୍ୱର ଅଞ୍ଚଳର ମାଧବ ଦାସ, ରେମୁଣା ଅଞ୍ଚଳର ହରିହର ମାଝୀ ଓ ବସ୍ତା ଅଞ୍ଚଳର ମମତା ଶିଅଳ, ନୀଳଗିରି ଅଞ୍ଚଳର ରାମଚନ୍ଦ୍ର ହାଁସଦା ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବିଧାନସଭାରେ ଉଠିଲା ଦେଓ ନଦୀ ବ୍ରିଜ ପ୍ରସଙ୍ଗ

**କୁଆମରା, ୧୭।୭ (ଡି.ଏନ. ଏ.)**

ମୟୂରଭଞ୍ଜ ଜିଲାର ଉଦଳାରୁ ବାଲେଶର ସଂଯୋଗ କରୁଥିବା ରାସ୍ତାରେ କଇଁସାରି ନିକଟସ୍ଥ ଜାମଘାଟ ନିକଟସ୍ଥ ଦେଓ ନଦୀ ଉପରେ ନିର୍ମିତ ସେତୁଟି ଗତ ଜୁନ ୨୫ ତାରିଖରେ ଦବିଯିବା ଯୋଗୁ ଯାତାୟାତ ଠପ ହୋଇ ପଡିଛି। ପୋଲର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ଯୋଗୁଁ ସାଧାରଣ ଜୀବନଯାତ୍ରାରେ ବିପଦ ସୃଷ୍ଟି ହେବା ନେଇ ଆଶଙ୍କା କରାଯାଇଛି। ପୋଲ ବିପଦପୂର୍ଣ୍ଣ ଥିବା ଯୋଗୁ ସେହି ରାସ୍ତା ଦେଇ ଗାଡି ମଟର ବନ୍ଦ କରାଯାଇଛି। ତେବେ ଉକ୍ତ ପୋଲକୁ ତୁରନ୍ତ ମରାମତି କରିବା ସହ ନୂତନ ପୋଲ ନିର୍ମାଣ କରିବା ପ୍ରସଙ୍ଗ ନେଇ ବିଧାନସଭା ପ୍ରଶ୍ନକାଳରେ ଆଲୋଚନା ହୋଇଥିଲା। ଅଧିବେଶନରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଏ ନେଇ ପରୋକ୍ଷ ସୂଚନା ଦେଇଛନ୍ତି। ତତ୍‌ସହିତ ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ରାସ୍ତା ଗୁଡିକ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ବେଳେ ସେଗୁଡିକୁ ପୂର୍ତ୍ତ ବିଭାଗ ହାତକୁ ଦେବା ପାଇଁ ଦାବି ଉପସ୍ଥାପନା କରିଛନ୍ତି।



କାଉଡ଼ିଆମାନେ ଆରଡ଼ି ଆଖଣ୍ଡଳମଣି ପୀଠକୁ ଯାଉଛନ୍ତି।

## ରାଧାରଞ୍ଜନ ସଭାପତି, ଅର୍ଚ୍ଚନା ସମ୍ପାଦିକା
### ଭାଷା ସୁରକ୍ଷା ସମ୍ମିଳନୀ ଜିଲା କମିଟିର କର୍ମକର୍ତ୍ତା ଚୟନ

**ବାଲେଶ୍ୱର ଅଫିସ,୧୭।୭**

ବାଲେଶ୍ୱର ଜିଲାପାଳଙ୍କ ପ୍ରକୋଷ୍ଠ ପରିସରରେ ଥିବା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ରବିବାର ଓଡ଼ିଶା ଭାଷା ସୁରକ୍ଷା ସମ୍ମିଳନୀ ଜିଲା କମିଟିର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଡ. ରାଧାରଞ୍ଜନ ପଟ୍ଟନାୟକ ଓ ସାଧାରଣ ସମ୍ପାଦିକା ଭାବେ ସୁଶ୍ରୀ ଅର୍ଚ୍ଚନା ନନ୍ଦୀଙ୍କୁ ଚୟନ କରାଯାଇଛି। ଆୟୋଜିତ ବୈଠକରେ ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ବେହେରା ସଭାପତିତ୍ୱ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଇତ୍ୟାଦିର ନାମଫଳକ ଓ ବିଜ୍ଞାପନ ଓଡ଼ିଆ ଭାଷାରେ ଲେଖିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଭାଷା ସୁରକ୍ଷା ସମ୍ମିଳନୀ ଜିଲା ଶାଖା ପକ୍ଷରୁ ଏହାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜିଲାପାଳଙ୍କ ସହ ଆଲୋଚନା କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୂତନ କର୍ମକର୍ତ୍ତା ଭାବେ ପ୍ରସନ୍ନ କୁମାର ପାତ୍ର ଓ ଶୈଳବାଳା ବେହେରା ଉପ-ସଭାପତି, ଚିତ୍ରାରାଣୀ ପାତ୍ର ଯୁଗ୍ମ-ସମ୍ପାଦିକା, ପୂର୍ଣ୍ଣଚନ୍ଦ୍ର ପଣ୍ଡା କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରଫେସର ପ୍ରଶାନ୍ତ କୁମାର ବରାଳ, ଡ. ଭାଗବତ ପ୍ରସାଦ ଦାସ, କବି ଗଙ୍ଗାଧର ଦାସ, ଚକ୍ରଧର ଦାସ, କବି ବାସନ୍ତୀ କର, କବି ପ୍ରଭାକର ସାହୁ ଏବଂ ଉପଦେଷ୍ଟା ଭାବେ ଲକ୍ଷ୍ମୀଧର ବେହେରା ଓ ଶରତ ଚନ୍ଦ୍ର ଦାଶ ମନୋନୀତ ହୋଇଛନ୍ତି।



କର୍ମକର୍ତ୍ତା ଚୟନ ବୈଠକରେ ଉପସ୍ଥିତ ଭାଷା ସୁରକ୍ଷା ସମ୍ମିଳନୀ ଜିଲା କମିଟିର ସଦସ୍ୟମାନେ।

# ଦୁଇବର୍ଷ ପରେ ଶୁଭିଲା 'ବୋଲବମ୍'

**ଆରଡ଼ି, ୧୭।୭ (ଡି.ଏନ.ଏ.)**

ଚଳିତବର୍ଷ ଶ୍ରାବଣ ମାସ ପ୍ରଥମ ସୋମବାର କାଉଡ଼ିଆମାନେ ଆରଡ଼ି ଆଖଣ୍ଡଳମଣି ପୀଠରେ ଜଳଲାଗି କରିବେ। କୋଭିଡ୍ କଟକଣା ହଟିବାରୁ ଦୁଇବର୍ଷ ପରେ ସେମାନେ ଆରଡ଼ିରେ ଶ୍ରାବଣୀ ମହାଦେବଙ୍କୁ ଜଳଲାଗି କରିବାର ସୁଯୋଗ ପାଇବେ।

ଏଥିପାଇଁ ରବିବାର ପ୍ରଭାତରୁ କାଉଡିଆମାନେ ବୈତରଣୀ, ସାଳନ୍ଦୀ, ବ୍ରାହ୍ମଣୀ, ଖରସ୍ରୋତା ଆଦି ନଦୀରୁ ପୂଜାର୍ଚ୍ଚନା କରି ଜଳଭାର ନେଇ ଆରଡ଼ିକୁ ଆସୁଛନ୍ତି। ଯାଜପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରୁ କାଉଡ଼ିଆମାନେ ଉତ୍ସାହିତ ଅଛନ୍ତି। ଦୁଇବର୍ଷ ପରେ ସେମାନଙ୍କ ବୋଲବମ୍ ଧ୍ୱନି ଶୁଣିବାକୁ ମିଳିଛି।

କାଉଡ଼ିଆମାନେ ଯେପରି ଅସୁବିଧାରେ ନ ପଡ଼ନ୍ତି ସେଥିଲାଗି ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ମନ୍ଦିର ପରିଚାଳକ କହିଛନ୍ତି। ସେହିଭଳି ବେତାଳିଗାଁ, ମଠଡିହ, ପହଣା ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ବ୍ୟାପକ ପୋଲିସ ନିୟୋଜିତ ହୋଇଛନ୍ତି। ପୀଠ ଓ ଏହା ଆଖପାଖ ଅଞ୍ଚଳରେ ୨୪ ଘଣ୍ଟା ବିଦ୍ୟୁତ୍ ସେବା ଯୋଗାଣ, ପ୍ରକଳ୍ପ ଜଳ ଯୋଗାଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଠାର, ବେତାଳିଗାଁ ଆଦି ସ୍ଥାନରେ କାଉଡ଼ିଆମାନଙ୍କ ଲାଗି ଖାଦ୍ୟ ଓ ପାନୀୟ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ମଠଡିହ ବଜାରରେ ଭଦ୍ରକ ବସ୍ ସିଣ୍ଡିକେଟ ପକ୍ଷରୁ ମଧ ସମସ୍ତ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ପ୍ରଥମ ସୋମବାର ପ୍ରାୟ ୨୦ ହଜାରରୁ ଅଧିକ କାଉଡ଼ିଆ ଭକ୍ତ ଜଳଲାଗି କରିବେ ବୋଲି ଆକଳନ କରାଯାଇଛି।

## ବିଡିଓଙ୍କୁ ଅଟକ ଘଟଣାରେ ଜଣଙ୍କୁ ଧରିଲା ପୋଲିସ

**ଜଳେଶ୍ୱର,୧୭।୭(ଡି.ଏନ.ଏ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ବିଡିଓଙ୍କୁ ଅଟକ ରଖିବା ଘଟଣାରେ ପୋଲିସ ଜଣଙ୍କୁ ଧରି ଥାନାରେ ପଚରାଉଚରା କରୁଛି। ରାୟାଁ ରାମଚନ୍ଦ୍ରପୁର ପଞ୍ଚାୟତର ମାଳଗଡ଼ିଆରୁ ବାରକୋଣ ରାସ୍ତା ଶୋଚନୀୟ ହୋଇଥିବାରୁ ଗାଁ ଭିତରକୁ ଦମକଳ ଓ ଆମ୍ବୁଲାନ୍ସ ଯାଇପାରୁ ନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ବିଡିଓଙ୍କୁ ଅଟକ ରଖିଥିଲେ। ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

## ଅବକାରୀ ବିଭାଗ ଚଢ଼ାଉ

**ଚମ୍ପୁଆ, ୧୭।୭ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ରବିବାର ଅବକାରୀ ବିଭାଗ ଚଢାଉ କରି ମଦ ଜବତ କରିବା ସହ ପୋଚ ନଷ୍ଟ କରି ଜଣକୁ ଗିରଫ କରାଯାଇଛି। ଚମ୍ପୁଆ ଅବକାରୀ ଭାରପ୍ରାପ୍ତ ଅଧିକାରୀ ଜନାର୍ଦ୍ଦନ ପଲେଇଙ୍କ ନେତୃତ୍ୱରେ ବର୍ଦ୍ଦନା, ସିଲିପୁଞ୍ଜି, କରଞ୍ଜିଆ ଓ ଟିଆଁସପୋଶି ଅଞ୍ଚଳରେ ଚଢାଉ କରାଯାଇଥିଲା। ସିଲିପୁଞ୍ଜୀ ଅଞ୍ଚଳରେ ମଦବିକ୍ରି କରୁଥିବା ମାଧବ ଦାସଙ୍କୁ ଗିରଫ କରାଯାଇଛି। ବିଭାଗ ପକ୍ଷରୁ ୨୦୦ କେଜି ମହୁଲ ପୋଚ ଓ ୯୦ ଲିଟର ମହୁଲି ଜବତ କରାଯାଇଥିବା ପଲେଇ ସୂଚନା ଦେଇଛନ୍ତି। ଏହି ଚଢାଉରେ ଅଖିଳ ସର୍ଦ୍ଦାର, ରଶ୍ମୀ ମହାନ୍ତ, ଦିପ୍ତି ବେହେରା ଓ କୃଷ୍ଣଚନ୍ଦ୍ର ସେଠି ପ୍ରମୁଖ ସାମିଲ ଥିଲେ।

## ଅନ୍ତର୍ଜାତୀୟ ଭଲିବଲ ଖେଳାଳି ଲାସ୍ୟମୟୀ ସମ୍ବର୍ଦ୍ଧିତ

**ବାରିପଦା ଅଫିସ,୧୭।୭**

ବିଦେଶରେ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ମନୋନୀତ ହୋଇଥିବା ମୟୂରଭଞ୍ଜ ଜିଲାର ମହିଳା ଭଲିବଲ ଖେଳାଳି ଲାସ୍ୟମୟୀ ମହାନ୍ତଙ୍କୁ ଜିଲାପାଳ ବିନୀତ ଭରଦ୍ୱାଜ ସମ୍ବର୍ଦ୍ଧିତ କରିଛନ୍ତି। ଥାଇଲାଣ୍ଡଠାରେ ହେବାକୁ ଥିବା ୧୮ବର୍ଷରୁ କମ୍ ଜୁନିୟର ଏସିଆଡ୍ ଭଲିବଲ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ହାସଲ କରିଛନ୍ତି ଲାସ୍ୟମୟୀ। ଜିଲାପାଳ ତାଙ୍କୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିବା ସହ କୋଚ୍ ସୁଷମା ନନ୍ଦଙ୍କୁ ମଧ ସମ୍ବର୍ଦ୍ଧିତ କରଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଡେପୁଟି କଲେକ୍ଟର ସୁଜୟ କୁମାର ପତି, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ, ବୈଦ୍ୟନାଥ ରଥ, ଭଲିବଲ୍ କୋଚ୍ ମନୋରଞ୍ଜନ ଜୀଉ, ପୂର୍ବତନ ବରିଷ୍ଠ କୋଚ୍ କୁମାର ରଞ୍ଜନ ପଣ୍ଡା, ପ୍ରଦୀପ କୁମାର ବେହେରା, ସ୍ପୋର୍ଟ୍ସ ହଷ୍ଟେଲର ନରେନ୍ଦ୍ର ମହାନ୍ତ ଓ ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ବ୍ଲକର ବଡ଼ପୋଷି ଗାଁର ଲାସ୍ୟମୟୀ ୨୦୧୮ରେ ମୟୂରଭଞ୍ଜ ଜିଲା କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଶିବିରରୁ ଚୟନ ହୋଇଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱରସ୍ଥିତ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେଇଥିଲେ।



ଜିଲାପାଳ ବିନୀତ ଭରଦ୍ୱାଜ ଲାସ୍ୟମୟୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ୯୬ ଛାତ୍ରୀଛାତ୍ରଙ୍କୁ ୬ ଶିକ୍ଷକ

**ହାଟଡିହୀ,୧୭।୭(ଡି.ଏନ.ଏ.)**

ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାର ନୂଆ ନୂଆ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏତେ ସବୁ ପରେ ବି ଆଜିର ଦିନ ରେ ବହୁ ଅଭିଭାବକ ସରକାରୀ ସ୍କୁଲ ଛାଡି ଘରୋଇ ସ୍କୁଲମୁହାଁ ହେଉଛନ୍ତି। ଅଧିକାଂଶ ସ୍କୁଲରେ ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ଅଭିଭାବକ ମାନେ ଅସନ୍ତୋଷ ହେଉଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତରେ ଅବସ୍ଥିତ ସୋସୋ-କାନପୁର ବିକେ ହାଇସ୍କୁଲ ଏହାର ଏକ ଉଦାହରଣ ସାଜିଛି। ୧୯୬୨ ମସିହାରୁ ଉକ୍ତ ସ୍କୁଲଟି ବହୁ କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବା ବେଳେ ଏଠାରେ ଏବେ ସଂସ୍କୃତ ଏବଂ ବିଜ୍ଞାନ ଶିକ୍ଷକ ନାହାନ୍ତି। ଗତ ବର୍ଷ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସଂସ୍କୃତ ବିଷୟ ପଢାଇବା ପାଇଁ ସ୍କୁଲ ତରଫରୁ ଅନୁରୋଧ କରି ବାହାରୁ ଜଣେ ଶିକ୍ଷକଙ୍କୁ ଅଣାଯାଇଥିଲା। ଗଣିତ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପଢ଼ାଉଛନ୍ତି। ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଦୁଇ ପଦବୀ ଫାଙ୍କା ପଡିଛି। ଅନୁରୋଧରେ ଆସିଥିବା ସଂସ୍କୃତ ଶିକ୍ଷକ ପ୍ରାୟ ୫ ମାସ ହେବ ଆଉ ଆସୁ ନ ଥିବାରୁ ସ୍କୁଲରେ ସଂସ୍କୃତ ବିଷୟ ପଢାଇବା ପୁରା ବନ୍ଦ ହୋଇଯାଇଥିବା ପ୍ରଧାନଶିକ୍ଷକ ଅଶୋକ ଜେନା କହିଛନ୍ତି। ଆହୁରି ମଧ କିରାଣୀ ଏବଂ ପିଅନ ପଦବୀ ଫାଙ୍କା ପଡିଛି। ନବମ ଶ୍ରେଣୀରେ ୬୦ ଜଣ ଏବଂ ଦଶମ ଶ୍ରେଣୀରେ ୩୬ ଜଣ ମୋଟ ୯୬ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରଧାନଶିକ୍ଷକ ଏବଂ ଖେଳ ଶିକ୍ଷକଙ୍କୁ ମିଶାଇ ମୋଟ ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ଏଠାରେ କାର୍ଯ୍ୟ କରୁଛନ୍ତି। ସୋସୋ, ନିଉଦାନୀ, ମରିଚିପଦା, କାନପୁର, କଖାରୁଗ ପ୍ରଭୃତି ଗ୍ରାମର ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ଉକ୍ତ ସ୍କୁଲ ଉପରେ ନିର୍ଭର କରନ୍ତି। ୫-ଟିରେ ସ୍କୁଲ ଗୃହ ଉନ୍ନତିକରଣ କରାଯାଇ ଚିକ୍କଣ କରାଯାଉଛି। କିନ୍ତୁ ଛାତ୍ରୀଛାତ୍ର ମାନେ ପାଠ କିପରି ପଢିବେ ଏବଂ ତାଙ୍କୁ କିଏ ପାଠ ପଢାଇବେ ସେଥିପ୍ରତି ଧ୍ୟାନ ଦିଆଯାଉ ନ ଥିବା ଏବଂ ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ହେଉ ନ ଥିବା ନେଇ ଗୌରାଙ୍ଗ ଚରଣ ବାରିକ, ରାଧାଶ୍ୟାମ ମଲିକ, ବିନୋଦ ରାଉତ, ଦୀପକ ରାଉତଙ୍କ ସମେତ ବହୁ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ହାଟଡିହୀ ବିଇଓ ସୁରେଶ ଜେନାଙ୍କୁ ପଚାରିବାରୁ ପ୍ରଥମ ପର୍ଯ୍ୟାୟ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ବହୁସଂଖ୍ୟକ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ଏହି ସ୍କୁଲର ପାଳି ନ ପଡ଼ିବାରୁ ଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ନିଯୁକ୍ତି ବେଳେ ଶିକ୍ଷକ ପଦବୀ ପୂରଣ ହେବ ବୋଲି ସେ କହିଛନ୍ତି।



ସୋସୋ- କାନପୁର ବିକେ ହାଇସ୍କୁଲ।

## ନାବାଳିକା ଅପହରଣକାରୀ କୋର୍ଟ ଚାଲାଣ

ଜଳେଶ୍ୱର,(ଡି.ଏନ୍.ଏ): ରାଇବଣିଆ ଥାନା ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ଜଣେ ଯୁବକ ଜନୈକା ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୮/୨୨) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ସ୍ୱାଗତ, ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ବାଲିଆପାଳ,୧୭।୭(ସ୍ୱ.ପ୍ର)- ଜାମଶୂଳୀ ଲକ୍ଷ୍ମୀ ନାରାୟଣ କଲେଜର ଯୁକ୍ତ ୩ ଗଣିତ ବିଭାଗ ସମ୍ମାନ ଶ୍ରେଣୀର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ରବିବାର ବିଭାଗୀୟ ଶ୍ରେଣୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧାପକ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କଲେଜ ଅଧକ୍ଷ ଡ. ଉମାକାନ୍ତ ପାତ୍ର ଅତିଥି ଭାବରେ ଯୋଗଦେଇ ଉତ୍ସବର ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। କଠୋର ପରିଶ୍ରମ କଲେ ଛାତ୍ରୀଛାତ୍ରମାନେ ଜୀବନରେ ସଫଳତା ପାଇ ପାରିବେ ବୋଲି ସେ ମଧ କହିଥିଲେ। ବିଶ୍ୱ ରଞ୍ଜନ ରାଉତ, ପ୍ରିୟବ୍ରତ ପାତ୍ର, ସୁଜିତ ପାତ୍ର, ସୁଶାନ୍ତ ପାତ୍ର, ବିଷ୍ଣୁପ୍ରିୟା ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ସାଗରିକା ସିଂହ, ଶ୍ରୁତିଶ୍ରୀ ପ୍ରଧାନ, ରବୀନ୍ଦ୍ର ଗୋଛାୟତ, ଶିବାଶିଷ ଅଣ୍ଡିଆ, ମନୋଜ ସାହୁ, ସୌରସ୍ମିତା ମହାନ୍ତି, ପ୍ରବୀର ବାରିକ, ଜ୍ୟୋତିସ୍ମିତା ପ୍ରଧାନ, ସୌମ୍ୟ ରଞ୍ଜନ ଚୌଧୁରୀ, ପ୍ରଭୋରାମ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ଅଧାପକ ତାପସ ତନୟ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜନୀତି ବିଜ୍ଞାନ ବିଭାଗର ବିଦାୟକାଳୀନ ସଭା

କୁଳିଅଣା,୧୭।୭(ସ୍ୱ.ପ୍ର)- କୁଳିଅଣାସ୍ଥିତ ବି.ବି. ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷ ଡ.ଯତିନ୍ଦ୍ର ନାଥ ସିଂଦେବ ସଚ୍ଚାନଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଉପାଧକ୍ଷ ଡ. ସନ୍ଦୀପ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଦିଗଦର୍ଶନ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଧାପକ ଡ. ରାଜେନ୍ଦ୍ର କୁମାର ଦାସ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାର ଉପାୟଗୁଡ଼ିକ ଉପସ୍ଥାପିତ କରିଥିଲେ। ଅତିଥି ଅଧାପିକା ନିକିତା ଦାସ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ପ୍ରଥମ ଓ ଦ୍ୱିତିୟ ବର୍ଷର ରାଜନୀତି ବିଜ୍ଞାନ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅୟୋଜିତ ଏହି ସଭାକୁ ସତ୍ୟ ରଣା ପରିଚାଳନା କରିଥିଲେ।

### ରୋଟାରୀ କ୍ଲବ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ

ଯୋଡ଼ା,୧୭।୭(ଡି.ଏନ.ଏ.): କେନ୍ଦୁଝର ଜିଲା ରୋଟାରୀ କ୍ଲବ ଯୋଡ଼ା ଶାଖା ପକ୍ଷରୁ ରବିବାର କୋଭିଡ ନିୟମକୁ ପାଳନ କରି ଅନ୍ନପୂର୍ଣ୍ଣା ଦିବସ ପାଳନ କରାଯାଇଛି। ଏହି ଦିବସ ଅବସରରେ ଯୋଡ଼ା ସହର ସ୍ଥିତ ପୌରପାଳିକା କଲ୍ୟାଣ ମଣ୍ଡପ ଠାରେ ପୌରପାଳିକା କାର୍ଯ୍ୟରତ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ପାଇଁ ଦ୍ୱିପ୍ରହର ଭୋଜନର ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଡ଼ା ପୌରାଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କ ଦ୍ୱାରା ଏହି ଦିବସକୁ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରୋଟାରୀ କ୍ଲବର ସଚିବ ଦୀପକ ବିହାରୀ, ବି.ଡି ସାହୁ, ପ୍ରକାଶ ମହାନ୍ତି, ବିକାଶ ରଞ୍ଜନ ମହାନ୍ତି, ସାରଦା ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ମୁଖ୍ୟ ଭୂମିକା ତୁଲାଇଥିଲେ।

### ସିଟିଜିରେ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର, ୧୭।୭(ଡି.ଏନ୍.ଏ.): କେନ୍ଦୁଝର ନ୍ୟୁ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ଡିଗ୍ରୀ କମର୍ସ କଲେଜରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। କଲେଜର ଚେୟାରମ୍ୟାନ୍ ରୋଟାରିୟାନ୍ ଡ. ରାଜେନ୍ଦ୍ର କୁମାର ପଲେଇ ମା' ତାରିଣୀଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିବାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କଲେଜର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇବା ସହିତ ଉପଦେଶ ଦେଇଥିଲେ। କଲେଜର ଭାଇସ ପ୍ରିନ୍ସିପାଲ କୃଷ୍ଣଚନ୍ଦ୍ର ମହାନ୍ତି କଲେଜ ତରଫରୁ ପିଲାମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟବକ୍ତା ସିଟିଜିର ପୂର୍ବତନ ଛାତ୍ର ରାଜୀବ ଦାସ ସେନଗୁପ୍ତ କହିଥିଲେ ଯେ, ଜଣେ ଛାତ୍ରର ଜୀବନରେ ଜଣେ ଗୁରୁଙ୍କର ଅବଦାନ ଏବଂ ତାଙ୍କର ପ୍ରଚେଷ୍ଟା ବିଷୟ ବୁଝାଇବା ସହିତ ଗୁରୁଶିଷ୍ୟର ସମ୍ପର୍କ ବିଷୟରେ ଅନେକ ମୂଲ୍ୟବାନ ଉଦାହରଣ ଦେଇ ବୁଝାଇଥିଲେ। ସେ ବର୍ତ୍ତମାନ କାନାଡାରେ ଅବସ୍ଥାପିତ ଅଛନ୍ତି। ମୁଖ୍ୟଅତିଥି ଡ. ରାଜେନ୍ଦ୍ର କୁମାର ପଲେଇ ବିଦାୟୀ ପିଲାମାନଙ୍କୁ ଆଶୀର୍ବାଦ କରିବା ସହିତ ଜଣେ ଜଣେ ଦେଶ ଭକ୍ତ ହୋଇ ନିଜର ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ସମାଜ ସେବା କରିପାରିଲେ ଏହି କଲେଜର ଶିକ୍ଷାଳାଭର ଯଥାର୍ଥତା ପ୍ରତିପାଦିତ ହୋଇପାରିବ। ଶେଷରେ ପ୍ରଥମ, ଦ୍ୱିତୀୟ ବର୍ଷ ପିଲା ଅନେକ ଉପହାର ପ୍ରଦାନ କରିବା ସହିତ ନୃତ୍ୟଗୀତରେ ମନୋରଞ୍ଜନ କରିଥିଲେ। ଶେଷରେ ଦ୍ୱିତୀୟ ବର୍ଷ ଛାତ୍ର ସତ୍ୟମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁସୁରକ୍ଷା ଅଣଦେଖା ପ୍ରତିବାଦରେ ଧାରଣା

- ଭୋକ ଯନ୍ତ୍ରଣାରେ ନାବାଳକ
- ବଳପୂର୍ବକ ଧାରଣାକାରୀଙ୍କୁ ଉଠାଇଲା ପୋଲିସ

ବାରିପଦା ଅଫିସ,୧୭।୭


ଆନ୍ଦୋଳନକାରୀଙ୍କୁ ପୋଲିସ ବଳପୂର୍ବକ ଉଠାଇ ନେଉଛି।

ଜଣେ ନାବାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ଜିଲା ପ୍ରଶାସନ ଅବହେଳା କରିବାରୁ ରବିବାର ଏହାର ପ୍ରତିବାଦରେ ଦୁଇଜଣ ଜିଲାପାଳଙ୍କ ଘର ସମ୍ମୁଖରେ ଧାରଣା ଦେଇଛନ୍ତି। ମୟୂରଭଞ୍ଜ ଜିଲା ଉଦଳା ଏନ୍ଏସି ନାଗପାଳ ଅଞ୍ଚଳରେ ଏହି ଘଟଣା ଘଟିଛି। ଜଣେ ଯୁବତୀ ନାବାଳକଙ୍କୁ ଶନିବାର ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ହେଁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଧାରଣା ବାବଦରେ ଖବରପାଇ ଟାଉନ ପୋଲିସ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ମଧ ନିଜ ଜିଦରେ ଅଡ଼ିବସିବା ଦ୍ୱାରା ପୋଲିସ ବଳପୂର୍ବକ ସେମାନଙ୍କୁ ଉଠାଇ ନେଇଛି।

ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ବାପାମା' ଛେଉଣ୍ଡ ଜଣେ ନାବାଳକ ଭୋକରେ ଆଉଟୁପାଉଟୁ ହୋଇ ନାଗପାଳ ଅଞ୍ଚଳରେ ଘୁରିବୁଲୁଥିଲେ। ସ୍ଥାନୀୟ ଗୀତାଞ୍ଜଳୀ କର ତାଙ୍କୁ ଦେଖି ଖାଇବାକୁ ଦେଇଥିଲେ। ତେବେ ନାବାଳକଟି ଖାଦ୍ୟ ଖାଇବା ପରେ ପେଟବ୍ୟଥା ଆରମ୍ଭ ହୋଇଥିଲା। ଏହାଦେଖି ଗୀତାଞ୍ଜଳୀ ସଙ୍ଗେ ସଙ୍ଗେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଉଦଳା ଥାନା ଓ ଶିଶୁ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ। ଖବର ପାଇବା ପରେ ମଧ ଶିଶୁ ସୁରକ୍ଷା ବିଭାଗର ତତ୍ପରତା ପ୍ରକାଶ ନ ପାଇବାରୁ ରାତି ତମାମ ନାବାଳକ ପାଖରେ ଜଗି ରହି ସେବା ଯୋଗାଇଥିଲେ। ତେବେ ନାବାଳକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ଶିଶୁ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀକାନ୍ତ ପତି ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ । ଗୀତାଞ୍ଜଳୀ ଓ ତାଙ୍କ ଭାଇ ଦୁହେଁ ମିଶି ତାଙ୍କୁ ରବିବାର ସକାଳେ ଭର୍ତ୍ତି କରିଥିଲେ। ସକାଳ ୧୧ଟା ପର୍ଯ୍ୟନ୍ତ ଶିଶୁ ସୁରକ୍ଷା ୟୁନିଟ ବିଭାଗ ପକ୍ଷରୁ କୌଣସି ଅଧିକାରୀ ପହଞ୍ଚି ନ ଥିବାରୁ ସେମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ମମତମୟୀ ବିଶ୍ୱାଳ ଧାରଣାସ୍ଥଳରେ ପହଞ୍ଚି ଶିଶୁର ଯତ୍ନ ଠିକ୍ ଭାବେ ନିଆଯିବ ବୋଲି କହିଥିଲେ। ଟୋଲ ଫ୍ରି ନମ୍ବର ବ୍ୟବହାର କରିନଥିବାରୁ ବିଭାଗୀୟ ଅଧିକାରୀମାନେ ପହଞ୍ଚିବାରେ ବିଳମ୍ବ କରିଛନ୍ତି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ନାବାଳକ ଜଣକ ବିସିପୁର ଆଶ୍ରମ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି। ତେବେ ଶିଶୁର ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ସ୍ଥାନୀୟ ଲୋକେ ବାଳକଟି ଅପପୁଷ୍ଟି ରୋଗରେ ପୀଡିତ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି।

# 'ମା', ମାଟି, ମାତୃଭାଷା ସୁରକ୍ଷା ଲାଗି ସଂଗ୍ରାମ ଜାରି ରହିବ'


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୋଗରାଇ,୧୭।୭(ଡି.ଏନ.ଏ.)

ମା', ମାଟି ଓ ମାତୃଭାଷା ଲାଗି ଉତ୍କଳ ସମ୍ମିଳନୀ ସଂଗ୍ରାମ ଜାରି ରଖିଛି । ବିଚ୍ଛିନ୍ନାଞ୍ଚଳର ଓଡ଼ିଆଙ୍କୁ ଜାତି ପ୍ରାଣ ବନ୍ଧନରେ ବାନ୍ଧିବା ସହିତ ସମସ୍ୟାର ସମାଧାନ ନିମନ୍ତେ ଏହି ସମ୍ମିଳନୀ ଜାଗ୍ରତ ଭଳି କାର୍ଯ୍ୟ କରୁଛି। ଭିନ୍ନ ରାଜ୍ୟରେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଉତ୍କଳ ସମ୍ମିଳନୀ ରାଜ୍ୟସରକାରଙ୍କଠାରେ ଦାବି ରଖି ଆସିଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ଯାତ୍ରୀନିବାସରେ ରବିବାର ସନ୍ଧ୍ୟାରେ ଉତ୍କଳ ସମ୍ମିଳନୀର ରାଜ୍ୟ ସାମ୍ବିଧାନିକ ଦୁଇଦିନିଆ ସମାବେଶରେ ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତ୍ୟ କୁମାର ପାତ୍ରଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ଉପ ବାଚସ୍ପତି ରଜନୀ କାନ୍ତ ସିଂ ଯୋଗଦେଇ ରାଜ୍ୟସରକାର ବିଚ୍ଛିନ୍ନାଞ୍ଚଳର ଓଡ଼ିଆଙ୍କ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନେବା ସହିତ ଉତ୍କଳ ସମ୍ମିଳନୀର ପରାମର୍ଶକୁ ଗୁରୁତ୍ୱ ଦେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଝାଡ଼ଖଣ୍ଡର ପ୍ରାକ୍ତନ ଓଡ଼ିଆ ମନ୍ତ୍ରୀ ଦୀନେଶ ଷଡ଼ଙ୍ଗୀ, ପ୍ରାକ୍ତନ ବିଧାୟକ ଗୁରୁଚରଣ ନାୟକ, ସୁଶାନ୍ତ ଚାନ୍ଦଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତାମାନଙ୍କୁ କ୍ରିୟାଶୀଳ ଓ ଗତିଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦୁଇଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମ୍ମିଳନୀ ଆରମ୍ଭରୁ ବନ୍ଦେ ଉତ୍କଳ ଜନନୀ ଗାନ ପରେ ବାଲେଶ୍ୱର କଳାମନ୍ଦିରର ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

## ଜିଲା ସ୍ୱାସ୍ଥ୍ୟ ସମିତି ପରିଚାଳନା ପରିଷଦ ବୈଠକ

### ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଗୁରୁତ୍ୱ

ଭଦ୍ରକ ଅଫିସ, ୧୭।୭

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ସମିତିର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମିତିର ଉପସଭାପତି ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଭିତ୍ତିଭୂମିର ଉନ୍ନତି ପାଇଁ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଯଥାସମ୍ଭବ ଶୀଘ୍ର ସାରିବା ଉପରେ ସଭାପତି ଏବଂ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଡ୍ରେନେଜ, ବିଦ୍ୟୁତ୍, ଜଳ ଯୋଗାଣ, ପରିମଳ ବ୍ୟବସ୍ଥା ଆଦି ସମସ୍ତ ସୁବିଧା ଠିକ୍ ଭାବେ ଡାକ୍ତରଖାନାଗୁଡ଼ିକ ପାଇଁ ଉପଲବ୍ଧ କରାଇବାକୁ କୁହାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନର ସହକାରୀ ଯନ୍ତ୍ରୀଙ୍କୁ ଏ ସମସ୍ତ ନିର୍ମାଣାଧୀନ କାର୍ଯ୍ୟର ତ୍ୱରାନ୍ୱିତ ଓ ତଦାରଖ କରିବା ପାଇଁ କୁହାଯାଇଛି।

## ସଂଘବଦ୍ଧ ଆକ୍ରମଣରେ ୩ ଆହତ, ଜଣେ ଗୁରୁତର

ବାସୁଦେବପୁର, ୧୭।୭ (ଡି.ଏନ.ଏ.)– ଭଦ୍ରକ ଜିଲା ବାସୁଦେବପୁର ବ୍ରାହ୍ମଣଗାଁ ବଜାରରେ ରବିବାର ଅପରାହ୍ନରେ ଦୁଇ ସମ୍ପ୍ରଦାୟର ଲୋକଙ୍କ ମଧରେ ଗଣ୍ଡଗୋଳ ଘଟିଛି। ସଂଘବଦ୍ଧ ଆକ୍ରମଣରେ ଆରୁହା ଗ୍ରାମର ୩ଜଣ ବ୍ୟକ୍ତି ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅନିରୁଦ୍ଧ ଦାସ(୫୨) ଗୁରୁତର ଅଛନ୍ତି। ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ପରିବାର ଲୋକ ସମ୍ପୃକ୍ତ ଥିବା ଅନିରୁଦ୍ଧ କହିଛନ୍ତି। ଗଣ୍ଡଗୋଳ ସମ୍ପର୍କରେ ଖବରପାଇ ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି। ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଆରୁହା ଗ୍ରାମର ଜଣେ ଯୁବକ ଏକ ଦୋକାନରେ ଚାଟ୍ ଖାଉଥିବା ବେଳେ ବ୍ରାହ୍ମଣଗାଁ ବଜାରର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ତାଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ରବିବାର ଆରୁହା ପଞ୍ଚାୟତରୁ କେତେଜଣ ଯୁବକ ଆସି ବ୍ରାହ୍ମଣଗାଁ ବଜାରରେ ପହଞ୍ଚିଥିଲେ। ଦୁଇଗୋଷ୍ଠୀ ମଧରେ ଛକାପଞ୍ଝା ଆରମ୍ଭ ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା।

# ବିପଦସଙ୍କୁଳ କଂକ୍ରିଟ ପୋଲ

ଧାମନଗର,୧୭।୭(ସ୍ୱ.ପ୍ର.)


'ଯ' ନଦୀ ଉପରେ ଥିବା ପୋଲର ଗାର୍ଡୱାଲ ଧସିଯାଇଛି।

ଭଦ୍ରକ ଜିଲା ଧାମନଗର ବ୍ଲକର ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମ ଦେଇ ବହି ଯାଇଥିବା 'ଯ' ନଦୀ ଉପରେ ଥିବା କଂକ୍ରିଟ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଲୋକେ ଏହା ଉପରେ ଯାତାୟାତ କରୁଥିବା ବେଳେ କେତେବେଳେ ଯେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ପୋଲର ମରାମତି କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପଳିକିରି ଛକଠାରୁ ଚନ୍ଦନେଶ୍ୱର ଗ୍ରାମ ପର୍ଯ୍ୟନ୍ତ ୩ କି.ମି.ରୁ ଉର୍ଦ୍ଧ୍ୱ ରାସ୍ତାର ପଳିକିରି ଚିଆଁ ବଜାର ନିକଟବର୍ତ୍ତୀ ଏହି ନଦୀ ଉପରେ ପୋଲ ନିର୍ମାଣ କରାଯାଇଥିଲା। ଉକ୍ତ ରାସ୍ତା ଭଣ୍ଡାରିପୋଖରୀ ବ୍ଲକ ଏବଂ ଧାମନଗର ମୁଖ୍ୟ ବଜାରକୁ ସଂଯୋଗ କରୁଥିବାରୁ ଦୈନିକ ଶତାଧିକ ଭାରିଯାନ ଯାତାୟାତ କରୁଛି। ପୋଲ ନିର୍ମାଣକୁ ୨୫ବର୍ଷରୁ ଉର୍ଦ୍ଧ୍ୱ ବିତିଗଲାଣି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ୬ମାସ ହେଲା ପୋଲରେ ଫାଟ ସୃଷ୍ଟି ହୋଇଥିବା ବେଳେ ନିକଟରେ ଲଗାଣ ବର୍ଷାରେ ଚତୁପାର୍ଶ୍ୱରେ ହୋଇଥିବା ଗାର୍ଡୱାଲ ସମ୍ପୂର୍ଣ୍ଣ ଧସିଯାଇଛି। ପୋଲର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ କଂକ୍ରିଟ ଖୁଣ୍ଟ ମଧ ନଷ୍ଟ ହେବାକୁ ବସିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଗ୍ରାମବାସୀ ଓ ସରପଞ୍ଚଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ ଦାବି କରିଛନ୍ତି।

# ଦ୍ରୌପଦୀ ମୁର୍ମୁଙ୍କ ବିଜୟ ଲାଗି ପୂଜାର୍ଚ୍ଚନା


ଏକ ମନ୍ଦିରରେ ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ।

ରାଇରଙ୍ଗପୁର,୧୭।୭ (ଡି.ଏନ.ଏ)

ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ଦ୍ରୌପଦୀ ମୁର୍ମୁଙ୍କ ବିଜୟ ଲାଗି ରବିବାର ଭାଜପା ପକ୍ଷରୁ ବିଭିନ୍ନ ଦେବଦେବୀଙ୍କ ପୀଠରେ ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଛି। ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ବେଳେ ଭାଜପାର ବରିଷ୍ଠ ନେତା ମନୋରଞ୍ଜନ ମହାନ୍ତି, ଶିବ କୁମାର ଅଗ୍ରୱାଲ, ମନୋଜ ଦାସ, କାଉନସିଲର ଆଲୋକ କୁମାର ମହାନ୍ତ, ଦେବାଶିଷ ନାୟକ, କ୍ରୀଷ୍ଣା ଦେବୀ ସ୍ୱାମୀ, ସୂର୍ଯ୍ୟମଣି ହାଁସଦାଙ୍କ ସମେତ ଦଳୀୟ ମହିଳା ଏବଂ ଯୁବ କର୍ମୀ ଯୋଗ ଦେଇଥିଲେ। ସେହିପରି ବହଳଦାସ୍ଥିତ କିଚ୍ଚକେଶ୍ୱରୀ ମନ୍ଦିରରେ ଭାଜପା ନେତା ଈଶାନ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ହିରଣ ବସା, କମଳାକାନ୍ତ ନାୟକ, ପାରଓ ହେମ୍ବ୍ରମ, ମହିଳା ନେତ୍ରୀ କିରଣରାଣୀ ମହାନ୍ତ, ସତ୍ୟଭାମା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ କାମନା କରିଥିଲେ। ଏହାବ୍ୟତୀତ ରାଇରଙ୍ଗପୁରସ୍ଥିତ ବିଭିନ୍ନ ଆଦିବାସୀ ଗ୍ରାମାଞ୍ଚଳରେ ମଧ ପୂଜାର୍ଚ୍ଚନା କରାଯାଇଛି।



ବାଲେଶ୍ୱର ସଦର ଭାଜପା ପକ୍ଷରୁ ପୂଜାର୍ଚ୍ଚନା କରାଯାଉଛି।

ବାଲେଶ୍ୱର ଅଫିସ/ନୀଳଗିରି,୧୭।୭(ସ୍ୱ.ପ୍ର)

ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ବିପୁଳ ବିଜୟ କାମନା କରି ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଛି। ବାଲେଶ୍ୱର ଜେଲ ରୋଡ ସ୍ଥିତ ସଦର ଭାଜପା କାର୍ଯ୍ୟାଳୟରେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ରବିବାର କାର୍ଯ୍ୟକର୍ତ୍ତାମାନେ ହୋମ ଯଜ୍ଞାଦି, ଦୀପଦାନ ଓ ପୂଜାର୍ଚ୍ଚନା କରିଛନ୍ତି।

ଦ୍ରୌପଦୀ ମୁର୍ମୁଙ୍କୁ ବିପୁଳ ଭୋଟରେ ବିଜୟ କରାଇବା ପାଇଁ ଦେଶବାସୀ ସମ୍ମିଳିତ ପ୍ରାର୍ଥନା କରିବାକୁ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ଜିଲା ପରିଷଦ ସଭ୍ୟ ଗୟାଧର ବେହେରା, କାଉନସିଲର ରୋଜାଲିନ ପାଣି ଓ ସସ୍ମିତା ନାଥ, ସରପଞ୍ଚ ରବିନାରାୟଣ ପ୍ରଧାନ, ନଗ୍ରମ ସେବା ସମବାୟ ସମିତି ସଭାପତି ବେଣୁଧର ପରିଡା, ସମିତିସଭ୍ୟା ମାମନି ଜେନା, ମଣ୍ଡଳ ସଭାପତି କାର୍ତ୍ତିକ ରାଉତ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଅରୁପ ଜେନା, ଜିଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପବନ କମିଲା ଓ ଦୁର୍ଗା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ମୋର୍ଚ୍ଚାର ଜିଲା ସଭାପତି ବିପିନ ମାରାଣ୍ଡିଙ୍କ ସଂଯୋଜନାରେ ଜିଲାର ଆଦିବାସୀ ବହୁଳ ଗାଁମାନଙ୍କରେ ଥିବା ମନ୍ଦିର ଓ ଜାହିରାରେ ବିଶେଷ ପୂଜାର୍ଚ୍ଚନା କରାଯାଇଛି। ସେହିପରି ନୀଳଗିରି ନିର୍ବାଚନମଣ୍ଡଳୀ ଅଧୀନ ସଜନାଗଡ଼ ସ୍ଥିତ ଦେବୀ ମା' ଭୁଧାରଚଣ୍ଡୀ ପୀଠରେ ରବିବାର ଭାଜପା ପକ୍ଷରୁ ପୂଜାର୍ଚ୍ଚନା, ଦୀପ ଦାନ ସହ ହୋମଯଜ୍ଞ କରାଯାଇଥିଲା। ମନ୍ଦିରରେ ଉପସ୍ଥିତ ଥିବା ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ଅକ୍ଷୟ ବେହେରା, ରାମକୃଷ୍ଣ ମହାପାତ୍ର, କରୁଣାକର ପଣ୍ଡା, ସଞ୍ଜୟ ସିଂ, ଉପେନ୍ଦ୍ର ନାୟକ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଭଦ୍ରକ ଅଫିସ, ୧୭।୭

ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କ ବିଜୟ କାମନା କରି ଭଦ୍ରକ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ସନ୍ଧ୍ୟାରେ ଦୀପଦାନ କରାଯାଇଛି। ଭଦ୍ରକ ଇଚ୍ଛାପୁରସ୍ଥିତ ଶ୍ରୀରାମ ମନ୍ଦିରରେ ଜିଲା ସଭାନେତ୍ରୀ ହରପ୍ରିୟା ସାହୁଙ୍କ ସଂଯୋଜନାରେ ସରସ୍ୱତୀ ସେନାପତି, ଭଦ୍ରକାଳୀ ମଣ୍ଡଳ ସଭାନେତ୍ରୀ ରୁକ୍ମଣୀ ଘଡ଼େଇ, ରାଧାରାଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ମହିଳା ଦୀପଦାନ କରିଥିଲେ।

ବିଶୋଇ,୧୭।୭ (ଡି.ଏନ.ଏ)

ରାଷ୍ଟ୍ରପତି ପ୍ରାର୍ଥିନୀ ମୟୂରଭଞ୍ଜ ମାଟିର ଗର୍ବ ଓ ଗୌରବ ଦ୍ରୌପଦୀ ମୁର୍ମୁଙ୍କ ବିଜୟ କାମନା କରି ବିଶୋଇ ବ୍ଲକ ଭାଜପା ପକ୍ଷରୁ ରବିବାର ସ୍ଥାନୀୟ ବଜରଙ୍ଗ ପୀଠରେ ପୂଜାର୍ଚ୍ଚନା କରଯାଇଛି। ବିଶୋଇ ଭାଜପା ମଣ୍ଡଳ ସଭାପତି ଶିବପ୍ରସାଦ ଗିରିଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ପଶ୍ଚିମ ମୟୂରଭଞ୍ଜ ଜିଲା ଉପସଭାପତି ଜୁରିଲାଲ ମହାନ୍ତ, ବୁଦ୍ଧିଜୀବୀ ସେଲ୍‌ର ପଶ୍ଚିମ ମୟୂରଭଞ୍ଜ ଜିଲା ଉପସଭାପତି ବଂଶୀଧର ଦାସ, ମଣଦା ମଣ୍ଡଳ ସଭାପତି ଉମାକାନ୍ତ ନନ୍ଦଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ସୁରେନ୍ଦ୍ର ବେହେରା, ଆରତି ମହାନ୍ତ, ସୁନୀତି ଲତା ମାଝି, ଆନନ୍ଦ କୁମାର ରାମ, ସ୍ଥାନୀୟ ଅଞ୍ଚଳର ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ।

# ନାରାୟଣପୁରରେ ଆରତି, ମାଳଦାରେ ସ୍ନେହଲତା ବିଜୟୀ

**ସମବାୟ ସମିତି ଉପସଭାପତି ନିର୍ବାଚନ**

ଭଣ୍ଡାରିପୋଖରୀ,୧୭।୭(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନାରାୟଣପୁର ସମିତିରେ ଉପସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଆରତି ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ନାରାୟଣ ଦାସଙ୍କ ନିକଟରେ ସେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧରେ ଆଉ କେହି ନାମାଙ୍କନ ନ ଭରିବାରୁ ତାଙ୍କୁ ଉପସଭାପତି ଭାବେ ଘୋଷଣା କରାଯାଇଥିଲା। ସମିତି ସମ୍ପାଦକ ସୁମନ୍ତ ସେନାପତି, ସଭାପତି ଜୟନ୍ତ ସାହୁ, ସୁଶାନ୍ତ ମଲ୍ଲିକ, ସୁଧାକର ନାୟକ, ଜୟନ୍ତୀ ସାମଲ, ଭଗବାନ ସାମଲ, ପଦ୍ମନାଭ ଖୁଣ୍ଟିଆ, ଦିଲୀପ ରାଉତ, ସୁଦର୍ଶନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମାଳଦା ସମିତିରେ ସ୍ନେହଲତା ସାମଲ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସମିତି ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ସରପଞ୍ଚ ପରମାନନ୍ଦ ନାୟକ, ସମିତି ସଭାପତି ମୁକୁନ୍ଦ ମଲ୍ଲିକ, ପ୍ରାକ୍ତନ ସଭାପତି ତଥା ସଭ୍ୟ ନୃସିଂହ ଖିଲାର, ଯୁବନେତା ପ୍ରତ୍ୟୁଷ ସାମଲ, ବାବୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାରୁ.....

## ତଥ୍ୟ ନ ଦେବାରୁ...

ରାସ୍ତା ତିଆରି ହୋଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ୱଳ୍ପ ଓ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ସମୟରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ନଗଡ଼ାର ମହିଳା ଏବଂ ଶିଶୁଙ୍କ ଜୀବନ ଓ ପୁଷ୍ଟିହୀନତାକୁ ଦୃଷ୍ଟିରେ ରଖି ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମ ଉପରେ ତଥ୍ୟ ମାଗିଥିଲେ। ତେବେ ଏନେଇ ପ୍ରଶାସନ ବିଫଳ ହେବାରୁ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ୩୦୦/୨୦୧୭ରେ ଅଭିଯୋଗ ଦାଖଲ କରିଥିଲେ। ଏନେଇ ତତ୍କାଳୀନ ପିଡି ନାୟକ ଏବଂ ପିଆଇଓ ପଣ୍ଡାଙ୍କୁ ସୂଚନା କମିଶନର କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ହେଲେ ପଣ୍ଡା ତାଙ୍କ ଉତ୍ତରରେ ତଥ୍ୟ ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟତା ନ ଥିବା ଦର୍ଶାଇ ପୁଣି ଥରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ ବୋଲି ଦର୍ଶାଇଥିଲେ। କିନ୍ତୁ ଏହି ପରାମର୍ଶ ପତ୍ର ଆବେଦନକାରୀ ପାଇ ନଥିଲେ ବୋଲି କମିଶନରଙ୍କୁ ଜଣାଇଥିଲେ। ଏପରିକି ପିଆଇଓ ପଣ୍ଡା ଉକ୍ତ ପତ୍ର ପ୍ରେରଣ କରିଥିବା ସମ୍ପର୍କରେ କୌଣସି ପ୍ରମାଣ ଦାଖଲ କରି ପାରି ନ ଥିଲେ। ଏ ସଂକ୍ରାନ୍ତରେ ତତ୍କାଳୀନ ପିଡି ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ଏବେ ସମୟ ଅଛି। ଆଗାମୀ ଦିନରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

## ସିନ୍ଧୁ ଜିତିଲେ...

ଫାଇନାଲ ଓ ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଥିବାରୁ ଏହି ଭାରତୀୟ ଖେଳାଳି ସେ ନେଇ ଚିନ୍ତିତ ଥିଲେ। ଏବେ କିନ୍ତୁ ସେ ଆଶ୍ୱସ୍ତି ଲାଭ କରିଛନ୍ତି। ସିନ୍ଧୁଙ୍କ ସିଙ୍ଗାପୁର ଓପନ୍ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଦେଶ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ତାଙ୍କର ଏହି ବିଜୟ ଆଗାମୀ ଖେଳାଳିଙ୍କୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି।

## ବିଧାନ ପରିଷଦ, ମହିଳା...

କେନ୍ଦ୍ର ସରକାରଙ୍କଠାରୁ ଉତ୍ତର ଚାହିଁଥିଲେ। ହେଲେ ଉକ୍ତ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କଠାରୁ କୌଣସି ସଂକଳ୍ପନାମା ମିଳି ନ ଥିବା କେନ୍ଦ୍ର ସରକାର ଉତ୍ତର ଦେଇଥିଲେ। ଏଥିରେ ବିଜେଡି ଏମ୍‌ପିମାନେ ଅସନ୍ତୁଷ୍ଟ ହୋଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ବିଧାନ ପରିଷଦ ସ୍ଥାପନ ସମ୍ପର୍କିତ ସଂକଳ୍ପନାମା ସହ ବିଜେଡି ଏମ୍‌ପିମାନଙ୍କ ପ୍ରତିନିଧି ଦଳ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ ବୋଲି ସେମାନେ ଗୃହକୁ ଅବଗତ କରାଇଥିଲେ।

ଏହାସହ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରାଯିବା ନିମନ୍ତେ ମୌସୁମୀ ଅଧିବେଶନରେ ବିଲ୍ ଅଣାଯାଉ ବୋଲି ବିଜେଡି ପକ୍ଷରୁ ସର୍ବଦଳୀୟ ବୈଠକରେ ଦାବି କରାଯାଇଛି। ୨୦୧୦ରେ ମହିଳା ସଂରକ୍ଷଣ ବିଲ୍ ରାଜ୍ୟ ସଭାରେ ପାସ୍ ହୋଇଛି। ଲୋକ ସଭାରେ ଭାଜପାର ପୂର୍ଣ୍ଣ ବହୁମତ ଥିବାରୁ ଉକ୍ତ ବିଲ୍ ଆଣି ତାହାକୁ ପାସ୍ କରାଯାଉ ବୋଲି ବିଜେଡି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଆସୁଛି।

## ୨୦ରେ ସୁପ୍ରିମ୍‌କୋର୍ଟରେ

ସହ ଜୁଲାଇ ୪ରେ ବିଧାନସଭାରେ ଆସ୍ଥା ଭୋଟରେ ବିଜୟୀ ହୋଇଥିଲେ। ଏହାର ଦିନକ ପୂର୍ବରୁ ଅର୍ଥାତ୍ ଜୁଲାଇ ୩ରେ ଭାଜପା ବିଧାୟକ ରାହୁଲ ନରୱେକର ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ। ତେବେ ସୁପ୍ରିମ୍‌କୋର୍ଟରେ ବିଧାୟକଙ୍କ ଅଯୋଗ୍ୟ ଘୋଷଣା ଆବେଦନ ଉପରେ ଶୁଣାଣି ସରି ନ ଥିବାରୁ ଶିନ୍ଦେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ସରକାର ବେଆଇନ ବୋଲି ଉଦ୍ଧବ ଗୋଷ୍ଠୀ ଦାବି କରୁଛନ୍ତି। ଏହାସହ ସୁପ୍ରିମକୋର୍ଟରେ ଶୁଣାଣି ସରିବା ଯାଏ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବାକୁ ଉଦ୍ଧବ ଗୋଷ୍ଠୀର ନେତା ସଞ୍ଜୟ ରାଉତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଶିନ୍ଦେ ଗୋଷ୍ଠୀ ହିଁ ପ୍ରକୃତରେ ଶିବସେନା ଏବଂ ସଂଖ୍ୟାଗରିଷ୍ଠ ଦଳୀୟ ବିଧାୟକଙ୍କ ସମର୍ଥନ ରହିଥିବା ଦାବି କରୁଛି। ଏହାସହ ବାଚସ୍ପତି ନିର୍ବାଚନ ଏବଂ ଆସ୍ଥାଭୋଟ ବେଳେ ଦଳୀୟ ହ୍ୱିପ୍ ମାନିଥିବା ଉଦ୍ଧବ ଗୋଷ୍ଠୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶିନ୍ଦେ ଗୋଷ୍ଠୀ ବାଚସ୍ପତିଙ୍କ ନିକଟରେ ଆବେଦନ କରିଛି। କିନ୍ତୁ ସେହି ପ୍ରକ୍ରିୟା ଉପରେ ରୋକ ଲଗାଇବାକୁ ସୁପ୍ରିମ୍‌କୋର୍ଟ ଗତ ମଙ୍ଗଳବାର ମହାରାଷ୍ଟ୍ର ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଆଇସିଏସ୍‌ଇ ଦଶମ...

ଆଶୁତୋଷ ଦେବପ୍ରିୟମ ନାୟକ। ସେହିଭଳି ୮ଜଣ ଛାତ୍ରୀଛାତ୍ର ୯୯% ସହ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୯ଜଣ ୯୮.୮୦% ସହ ତୃତୀୟ ସ୍ଥାନରେ ରହିଛନ୍ତି।

୩୦ଟି ଭାଷାରେ ପରୀକ୍ଷା ହୋଇଥିଲା। ୨୦ଟି ଭାରତୀୟ ଭାଷା, ୯ଟି ବିଦେଶୀ ଏବଂ ଗୋଟିଏ କ୍ଲାସିକାଲ ଭାଷା ରହିଥିଲା। ୨,୫୩୫ ସ୍କୁଲରୁ ପାସ୍ ହୋଇଥିବା ମୋଟ ୨,୩୧,୦୦୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧,୦୫,୩୬୯ଜଣ ଛାତ୍ରୀ ଓ ୧,୨୫,୬୩୫ଜଣ ଛାତ୍ର ଅଛନ୍ତି। ୧୨,୯୮୦ଜଣ ଏସ୍‌ସି, ୭,୯୭୫ଜଣ ଏସ୍‌ଟି ଏବଂ ୪୯,୭୩୧ଜଣ ପଛୁଆବର୍ଗର ପିଲା ରହିଛନ୍ତି। ୭୧୨ଜଣ ସ୍ୱତନ୍ତ୍ର ପିଲା ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଦକ୍ଷିଣ ଓ ପଶ୍ଚିମ ରିଜିଅନରୁ ସର୍ବାଧିକ ୯୯.୯୯% ରେଜଲ୍ଟ ହୋଇଛି। ସେହିଭଳି ଉତ୍ତର ରିଜିଅନରେ ୯୯.୯୮%, ପୂର୍ବ ରିଜିଅନରେ ୯୯.୯୬% ଏବଂ ଫରେନ୍‌ରେ ୯୯.୫୦% ପାସ୍‌ହାର ରହିଛି।

ଚଳିତବର୍ଷ ସିଆଇଏସ୍‌ସିଇ ପକ୍ଷରୁ ଆଇସିଏସ୍‌ଇ ଦଶମର ଦୁଇଟି ସେମିଷ୍ଟର ପରୀକ୍ଷା ହୋଇଥିଲା। ନଭେମ୍ବର-ଡିସେମ୍ବରରେ ସେମିଷ୍ଟର-୧ ଏବଂ ଏପ୍ରିଲ-ମେ'ରେ ସେମିଷ୍ଟର-୨ ଅନୁଷ୍ଠିତ ହୋଇଥିଲା। ଦୁଇଟି ସେମିଷ୍ଟରର ରେଜଲ୍ଟ ଏବଂ ପ୍ରୋଜେକ୍ଟ(ଇଣ୍ଟରନାଲ ଆସେସମେଣ୍ଟ)କୁ ଆଧାର କରି ଚୂଡ଼ାନ୍ତ ଫଳ ପ୍ରକାଶ ପାଇଛି। ଦୁଇଟି ଯାକ ସେମିଷ୍ଟର ଦେଇଥିବା ଛାତ୍ରୀଛାତ୍ରଙ୍କ ଫଳାଫଳ ପ୍ରକାଶ ପାଇଛି। ଯେଉଁମାନେ ସେମିଷ୍ଟର-୧ କିମ୍ବା ୨ ଦେଇ ନ ଥିଲେ, ସେମାନଙ୍କର ରେଜଲ୍ଟ ବାହାରି ନାହିଁ। ଛାତ୍ରୀଛାତ୍ରମାନେ ସିଆଇଏସ୍‌ସିଇ ୱେବ୍‌ସାଇଟ୍ www.cisce.orgକୁ ଯାଇ କିମ୍ବା ନଂ.୦୯୨୪୮୦୮୨୮୮୩କୁ ଏସ୍‌ଏମ୍‌ଏସ୍ କରି ରେଜଲ୍ଟ ପାଇପାରିବେ।

## ଆଜିଠୁ ପରିବର୍ତ୍ତିତ...

ପୂର୍ବ ପରି ଜିଏସଟି ପରିସରରୁ ବାଦ ରହିବ। ଅପରପକ୍ଷରେ ୫ ହଜାର ଟଙ୍କାରୁ ଅଧିକ ଭଡ଼ାର ହସ୍ପିଟାଲ କ୍ୟାବିନ୍ ଲାଗି ମଧ୍ୟ ଜିଏସଟି ଆଦାୟ ହେବ। ଦୈନିକ ୧,୦୦୦ଟଙ୍କାରୁ କମ୍ ମୂଲ୍ୟର ହୋଟେଲ ରୁମ୍ ପାଇଁ ମଧ୍ୟ ୧୨% ଜିଏସଟି ପୈଠ କରିବାକୁ ପଡ଼ିବ। ଏପର୍ଯ୍ୟନ୍ତ ଏହି ସବୁ ସେବା ଓ ସାମଗ୍ରୀ ଉପରେ କୌଣସି କର ଦେବାକୁ ପଡୁ ନ ଥିଲା। ଏହି ନୂଆ ଟିକସ ହାରରେ ଟ୍ରେଟ୍ରା ପ୍ୟାକ୍, ବ୍ୟାଙ୍କ ପକ୍ଷରୁ ଜାରି ଚେକ୍ ଉପରେ ୧୮% ଓ ଶିକ୍ଷା ଉପକରଣ ଆଟଲାସ୍ ସମେତ ନକ୍ସା ଓ ଚାର୍ଟ ଉପରେ ୧୨% ଜିଏସଟି ଲାଗିବ ବୋଲି ଜଣାପଡିଛି। ଏହା ଛଡା ପ୍ରିଣ୍ଟିଂ, ଡ୍ରଇଂ ଇଙ୍କ୍, ଧାରୁଆ ଛୁରି, କାଗଜ କଟା ଛୁରି, ପେନସିଲ କଟର, ଏଲ୍‌ଇଡି ଲ୍ୟାମ୍ପ, ଡ୍ରଇଂ ଓ ମାର୍କିଂ ହେଉଥିବା ଉତ୍ପାଦ ଉପରେ ବର୍ଦ୍ଧିତ କର ୧୮% କରିଦିଆଯାଇଛି। ସେହିପରି ସୌର ୱାଟର ହିଟର ଉପରେ ଏବେଠୁ ୧୨% ଶୁଳ୍କ ଧାର୍ଯ୍ୟ ହୋଇଛି। ପୂର୍ବରୁ ଏଥିପାଇଁ ୫% ଶୁଳ୍କ ଆଦାୟ ହେଉଥିଲା। ଏହାଛଡ଼ା ସଡ଼କ, ପୋଲ, ରେଳପଥ, ମେଟ୍ରୋ, ୱେଷ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ଶବଦାହ ଗୃହ ଲାଗି ଜାରି ହେଉଥିବା ୱାର୍କ କଣ୍ଟ୍ରାକ୍ଟ ଉପରେ ଏଣିକି ୧୮% ଜିଏସଟି ଲାଗିବ। ଏ ପର୍ଯ୍ୟନ୍ତ ଏହି ସବୁ ଲାଗି ୧୨% ଟିକସ ଆକାରର କର ଅସୁଲ ହେଉଥିଲା। ତେବେ ରୋପ୍ ୱେ ମାଧ୍ୟମରେ ବସ୍ତୁ ଓ ଯାତ୍ରୀ ପରିବହନ ସମେତ କେତେକ ସର୍ଜରି ସମ୍ପର୍କିତ ଉପକରଣ ଉପରେ କର ହାର ହ୍ରାସ କରି ୫% କରାଯାଇଛି। ତେବେ ପୂର୍ବରୁ ଏହା ୧୨% ରହିଥିଲା। ଟ୍ରକ୍, ମାଲ ପରିବହନ ଲାଗି ବ୍ୟବହାର ହେଉଥିବା ବାହନ (ଯେଉଁଥିରେ ଇନ୍ଧନର ଆବଶ୍ୟକତା ଅଛି) ସେବା ଉପରେ ଏବେ ୧୨% ଶୁଳ୍କ ଅସୁଲ ହେବ। ପୂର୍ବରୁ ଏହି ସବୁ ସେବା ଲାଗି ୧୮% ଜିଏସଟି ସଂଗ୍ରହ କରାଯାଉଥିଲା। ଏହାଛଡ଼ା ବାଗଡୋଗ୍ରାରୁ ପୂର୍ବୋତ୍ତର ରାଜ୍ୟଙ୍କୁ ବିମାନ ଯାତ୍ରାରେ ଜିଏସଟି ରିହାତି ଏବେ ଇକୋନମି କ୍ଲାସ ପର୍ଯ୍ୟନ୍ତ ସୀମିତ ରହିବ। ଆଗକୁ ଆରବିଆଇ, ବୀମା ନିୟାମକ ଓ ବିକାଶ ପ୍ରାଧିକରଣ, ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି)ଙ୍କ ସେବା ସହିତ ଆବାସିକ ବାସଗୃହ ବ୍ୟବସାୟୀଙ୍କୁ ଭଡ଼ାରେ ଦେଲେ ଏଣିକି କର ଲାଗିବ।

# ୧୪ବର୍ଷ ପରେ ଘରକୁ ଫେରିଲେ ହରିମୋହନ

**ବାରିପଦା ଅଫିସ,୧୭।୭**

ଦାଦନ ଖଟିବାକୁ ଯାଇ ଦଲାଲଙ୍କ ହାବୁଡ଼ରେ ପଡ଼ିଲେ। ଅର୍ଥ ଲୋଭରେ ଦଲାଲ ଜଣକ ନାବାଳକଙ୍କୁ ବାଲାଂଦେଶରେ ବିକ୍ରି କରିଦେଇଥିଲେ। ଘରକୁ ଫେରିବାର ବାଟ ନ ପାଇ ଦୀର୍ଘ ଦିନ ଧରି ନିଜ ଭାଗ୍ୟକୁ ଆଦରି ପଡ଼ିରହିଲେ। ମାତ୍ର ୧୪ବର୍ଷ ପରେ ରବିବାର ସକାଳେ ସେ ଘରଫେରି ଆସିଥିଲେ। ପରିବାର ଲୋକେ ତାଙ୍କୁ ଚିହ୍ନି ପାରି ନ ଥିବା ବେଳେ ବାଲ୍ୟାବସ୍ଥାରେ ଥିବା ଶରୀରର ଦାଗକୁ ଦେଖି ପୁଅକୁ ଆଦରି ନେଇଥିଲେ। ଆତ୍ମୀୟଜନଙ୍କୁ ପାଇ ଖୁସିରେ ସେ ଆନନ୍ଦିତ ହେବା ପରେ ଗାଁ ଲୋକଙ୍କୁ ଦେଖି ଚିହ୍ନା ଅଚିହ୍ନା ଭଳି କଥାବାର୍ତ୍ତା କରୁଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ବେତନଟୀ ଥାନା ଦହିକୋଟି ପଞ୍ଚାୟତ ଖମାରୀ ଗ୍ରାମରେ। ଯୁବକ ଜଣକ ହେଲେ ସେହି ଗ୍ରାମର ଦୁର୍ଗା ସିଂଙ୍କ ପୁଅ ହରିମୋହନ ସିଂ(୨୭)।

ଅର୍ଥାଭାବ ଯୋଗୁ ୧୩ବର୍ଷ ବୟସରେ ହରିମୋହନ ପାଠପଢ଼ା ଛାଡ଼ି ଦାଦନ ଖଟିବାକୁ ଯାଇଥିଲେ। ବଡ଼ବାପା ଓ ଗ୍ରାମର କେତେକ ଲୋକଙ୍କ ସହ ୨୦୦୮ରେ ଗୁଜୁରାଟକୁ ପଳାଇଥିଲେ। ସେଠାକାର ଅଞ୍ଜରସିଟି ସହରରେ ଥିବା ଏକ ପାଇପ କମ୍ପାନୀରେ କାମ କରିଥିଲେ। ତେବେ ବର୍ଷକ ପରେ ହରିମୋହନଙ୍କ ସମ୍ପର୍କୀୟମାନେ ଘରକୁ ଫେରି ଆସିଥିବା ବେଳେ ଆଉ ଅଧିକ ଏକ ବର୍ଷ ରହି ଘରକୁ ଫେରିବେ ବୋଲି ହରିମୋହନ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ୬ମାସ ପରେ ସେହି କମ୍ପାନୀରେ କାମ କରୁଥିବା ଉଦଳା ଅଞ୍ଚଳର ଜଣେ ଯୁବକ ପ୍ରଲୋଭନ ଦେଖାଇ ତାଙ୍କୁ ଅନ୍ୟ ଏକ କମ୍ପାନୀରେ କାମ ଯୋଗାଇ ଦେବେ ବୋଲି କହି ଅନ୍ୟତ୍ର ନେଇଯାଇଥିଲେ। ୧୪ବର୍ଷ ହୋଇଥିବା ହରିମୋହନଙ୍କୁ ଯୁବକ ଜଣକ ବାଲାଂଦେଶରେ ବିକ୍ରି କରି ପଳାଇ ଆସିଥିଲେ। ତେବେ ବାଲାଂଦେଶରୁ ଫେରିବା ପାଇଁ ଶତଚେଷ୍ଟା ଜାରି ରଖିଥିଲେ ହେଁ ସୀମା ପାର ହୋଇ ଆସିବା ସମ୍ଭବ ହୋଇପାରି ନ ଥିଲା। ଫଳରେ ବାଧ୍ୟ ହୋଇ ବାରାଂବିନ୍ସ ଅଞ୍ଚଳର ପାୱାର ପ୍ଲାଣ୍ଟରେ କାମ କରିବା ଆରମ୍ଭ କରିଥିଲେ। କାମ କରୁଥିବା ସମୟରେ ସେଠାରୁ ଖସି ପଳାଇ ଆସିବାକୁ ବାରମ୍ବାର ଉଦ୍ୟମ କରିବା ପରେ ମଧ୍ୟ ବିଫଳ ହୋଇଥିଲେ। କିଛି ବର୍ଷ ପରେ ହରିମୋହନ ସେଠାରେ ବିବାହ କରି ରହିଥିଲେ। ଘରକୁ ଫେରିବାର ଇଚ୍ଛା ତାଙ୍କୁ ବାଟ ଦେଖାଇଲା। ଜଣେ ଟ୍ରକ୍ ଡ୍ରାଇଭରଙ୍କ ସହାୟତାରେ ସେ ଭାରତ-ବାଲାଂଦେଶ ସୀମା ଅତିକ୍ରମ କରି ଭୁଲ ବଶତଃ ଟ୍ରେନ ଯୋଗେ ମୁମ୍ବାଇରେ ପହଞ୍ଚିଥିଲେ। ସେଠାରୁ ପୁଣି ଟ୍ରେନ୍ ଯୋଗେ ପଶ୍ଚିମବଙ୍ଗ ଓ ପରେ ବାଲେଶ୍ୱର ପହଞ୍ଚିବା ପରେ ରେଲୱେ ପୋଲିସ ଆଣି ବେତନଟୀରେ ଛାଡିଥିଲେ। ତେବେ ଘରକୁ ରାସ୍ତା ପାଉ ନ ଥିବା ହରିମୋହନଙ୍କୁ ସ୍ଥାନୀୟ ଲୋକେ ରବିବାର ସକାଳେ ତାଙ୍କ ଘରେ ପହଞ୍ଚାଇଥିଲେ। ପରିବାର ଲୋକେ ପୁଅ ଫେରିବାର ଆଶାବିଶ୍ୱାସ ହରାଇ ଥିବା ବେଳେ ହଠାତ ତାଙ୍କୁ ଦେଖି ବିଶ୍ୱାସ କରିପାରି ନ ଥିଲେ। ପିଲାବେଳେ ଅଗ୍ନିକାଣ୍ଡରେ ହରିମୋହନଙ୍କ ଛାତି, ହାତ ଓ ଆଙ୍ଗୁଠିରେ ଥିବା ପୋଡା ଦାଗ ଚିହ୍ନକୁ ଦେଖି ପରିବାର ଲୋକେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ତେବେ ହରିମୋହନଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ପରିବାର ଲୋକଙ୍କୁ ଦେଖା କରି ପୁଣି ସ୍ତ୍ରୀ ଓ ପୁଅ ପାଖକୁ ଫେରିବେ ବୋଲି ହରିମୋହନ ପ୍ରକାଶ କରିଛନ୍ତି।



ପରିବାର ଲୋକଙ୍କ ସହ ହରିମୋହନ।

**ଦେହର ଦାଗକୁ ଦେଖି ଚିହ୍ନିଲେ ପରିବାର ଲୋକ**



ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ଖଡ଼ିକାପଦାଠାରେ ଗଙ୍ଗାହାର ନଦୀରେ ପ୍ରବାହିତ ବନ୍ୟାଜଳ।

## ଗଙ୍ଗାହାର ନଦୀରେ ପ୍ରଥମ ବନ୍ୟାଜଳ

**କୁଆମରା ୧୭।୭ (ଡି.ଏନ୍.ଏ.)**

ମୌସୁମୀ ଓ ଲଘୁଚାପ ଜନିତ ବର୍ଷା ଲାଗି ରହିବା ଫଳରେ ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀର ଖଡିକାପଦା ଘାଟରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଦେଖିବାକୁ ମିଳିଛି। ଖଡିକାପଦା କଲଭର୍ଟ ଉପରେ ଦୁଇ ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେବା ଯୋଗୁ ଶନିବାର ମଧ୍ୟରାତ୍ରିରୁ କୁଆମରା - ବଡ଼ସାହି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ତେବେ ୩ଦିନରେ ମୋଟ ୧୨୦ ମିମି ବର୍ଷା ରେକର୍ଡ କରାଯାଇଛି। ପଞ୍ଚାୟତରେ ଡ୍ରେନେଜ୍ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଅଭାବରୁ ଜଳ ନିଷ୍କାସନ ହୋଇ ନ ପାରି ଗାଁଦାଣ୍ଡରେ ଅଧିକାଂଶ ସ୍ଥାନରେ ଫୁଟେ ଦୁଇ ଫୁଟ ଉଚ୍ଚର ପାଣି ଜମି ରହିଛି। ଫଳରେ କଚ୍ଚା ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ଅନେକ ସ୍ଥାନରେ ଖାଲୁଆ ଥିବା ଚାଷ ଜମି ଗୁଡିକ ଜଳମଗ୍ନ ହୋଇପଡିଛି।

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ପିଟି ହତ୍ୟା

### ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର, ୧୭।୭ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଯାମଦା ଥାନା ଅଞ୍ଚଳରେ ରବିବାର ଗୁଣିଗାରେଡ଼ି ସନ୍ଦେହରେ ଜଣେ ଆଦିବାସୀ ବୃଦ୍ଧାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧା ହେଲେ ବଡ଼ାମତଳିଆ ଗ୍ରାମର ଗାଙ୍ଗୀ ଯାମୁଦା(୭୦)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ମଦନ ପିଙ୍ଗୁଆ (୬୫)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୭୦/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ କମଳାକାନ୍ତ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ଗାଙ୍ଗୀ ଅପରାହ୍ନ ପ୍ରାୟ ୨ଟା ବେଳେ ଗ୍ରାମର ଏକ ନଳକୂପ ନିକଟରେ ଏକୁଟିଆ ଗାଧୋଇବା ବେଳେ ମଦନ ଏକ ଠେଙ୍ଗାରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଓ ସମ୍ପର୍କୀୟ ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଏସ୍‌ଡିପିଓ ରତିକାନ୍ତ ଗିରି ଏବଂ ଥାନାଧିକାରୀ ଦାସ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ଦୁଇବର୍ଷ ତଳେ ମଦନଙ୍କ ସ୍ତ୍ରୀଙ୍କର ଅସୁସ୍ଥ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଗୁଣିଗାରେଡ଼ି କରି ତାଙ୍କ ସ୍ତ୍ରୀଙ୍କୁ ମାରି ଦେଇଥିବା ସନ୍ଦେହ କରି ଗାଙ୍ଗୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ମଦନ ସ୍ୱୀକାର କରିଥିବା ପୋଲିସ କହିଛି।

## ମହିଳାଙ୍କ ସମ୍ପର୍କରେ ଅଶ୍ଳୀଳ ମନ୍ତବ୍ୟ: ଥାନାରେ ମାମଲା

**ବାଲେଶ୍ୱର ଅଫିସ,୧୭।୭**

ବାଲେଶ୍ୱର ଜିଲା ସଦର ଥାନା ଅଞ୍ଚଳର ଜନୈକା ମହିଳାଙ୍କ ନାମରେ ଜଣେ ଯୁବକ ଅଶ୍ଳୀଳ ମନ୍ତବ୍ୟ ଦେବା ଏବଂ ଜୀବନରୁ ମାରିଦେବା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୦୧/୨୨) ରୁଜୁକରିତଦନ୍ତକରୁଛି।

## ଭାଜପାର ତୃତୀୟ କାର୍ଯ୍ୟକାରିଣୀ



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

**ଯୋଡ଼ା,୧୭।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଭାଜପା ପକ୍ଷରୁ ରବିବାର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କୁମାର୍ ବେବର୍ତ୍ତାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାନସଭା ପ୍ରାର୍ଥୀ ତଥା ବରିଷ୍ଠ ନେତା ମୁରଲୀ ଶର୍ମା ,ରାଜ୍ୟ ଉପସଭାନେତ୍ରୀ ସୁକେଶି ଓରାମ, ଜିଲା ସମ୍ପାଦକ ବାଦଲ ବେହେରା, ଯୋଡ଼ା ପ୍ରଭାରୀ ଚନ୍ଦ୍ରଗୁପ୍ତ ପ୍ରସାଦ, ଉପସଭାପତି ଦେବପ୍ରସାଦ ମିଶ୍ର, ଉପସଭାନେତ୍ରୀ ଶ୍ରଦ୍ଧାଞ୍ଜଳି କର, ରାଜ୍ୟ ଓବିସି ସଂଯୋଜକ ଚର୍ଚ୍ଚିଲ ମହାକୁଡ଼, ଜିଲା ଯୁବମୋର୍ଚ୍ଚା ସତନ୍ତ୍ର ସଦସ୍ୟ ପ୍ରକାଶ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ପ୍ରାୟ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଯୋଡ଼ାରେ ଦଳକୁ କିପରି ମଜଭୁତ କରାଯିବ ସେ ନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

## ଆଇସିଏସ୍‌ଇ ପରୀକ୍ଷାରେ କେନ୍ଦୁଝରର ଆଶୁତୋଷ ଓଡ଼ିଶା ଟପ୍ପର

**କେନ୍ଦୁଝର, ୧୭।୭**

ଆଇସିଏସ୍‌ଇ ବା ଇଣ୍ଡିଆନ ସାର୍ଟିଫିକେଟ ଅଫ ସେକେଣ୍ଡାରି ଏଜୁକେଶନର ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦୁଝର ଟାଉନ୍ ନିର୍ମଳା କନ୍‌ଭେଣ୍ଟ ସ୍କୁଲର ଛାତ୍ର ଆଶୁତୋଷ ଦେବପ୍ରିୟମ ନାୟକ ଓଡ଼ିଶା ଟପ୍ପର ହୋଇଛନ୍ତି। ମୋଟ ୬୦୦ନମ୍ବରରୁ ସେ ୫୯୪ ରଖିଛନ୍ତି। ସେ ଇଂଲିଶରେ ୧୦୦ରୁ ୯୭, ଓଡ଼ିଆରେ ୯୮, ସାମାଜିକ ବିଜ୍ଞାନରେ ୧୦୦, ଗଣିତରେ ୯୯, ବିଜ୍ଞାନରେ ୧୦୦ ଓ କମ୍ପ୍ୟୁଟରରେ ୧୦୦ ନମ୍ବର ହାସଲ କରିଛନ୍ତି। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବାବାଜୀ ଚରଣ ନାୟକ ଓ ସରକାରୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ସୁଷମା ନାୟକଙ୍କ ପୁଅ ଆଶୁତୋଷ। ନିଜ ସଫଳତା ଲାଗି ସ୍କୁଲ ଅଧ୍ୟକ୍ଷା ସିଷ୍ଟର ଜେସ ମେରିଆଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ମା'ବାପାଙ୍କୁ ଶ୍ରେୟ ଦେଇଛନ୍ତି।

## ମହିଳାଙ୍କ ମୃତଦେହ ଜବତ

**ଯୋଡ଼ା,୧୭।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଞ୍ଚଳର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ସେହି ଗ୍ରାମର ଉର୍ମିଳା ମହାକୁଡ଼(୨୨)।

ଶନିବାର ରାତିରେ ସମସ୍ତେ ଶୋଇପଡିବା ପରେ ଉର୍ମିଳା ବେକରେ ଫାଶୀ ଲଗାଇ ମୃତ ଅବସ୍ଥାରେ ଝୁଲୁଥିବା ସକାଳେ ତାଙ୍କ ସ୍ୱାମୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ଅଭିଯୋଗକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

## ୧୦ ଚୋରି ବାଇକ୍ ଜବତ, ୨ ଗିରଫ

**ଭଦ୍ରକ ଅଫିସ,୧୭।୭**

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ପୃଥକ୍ ସ୍ଥାନରେ ଚଢ଼ାଉ କରି ୧୦ ଚୋରି ବାଇକ୍ ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ରବିବାର ଗ୍ରାମାଞ୍ଚଳ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକଟା ସୂଚନା ଦେଇଛନ୍ତି। ଗିରଫ ୨ ବାଇକ୍ ଚୋର ହେଲେ ଚରମ୍ପା ରେଲୱେ କଲୋନୀରେ ରହୁଥିବା ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ କୁରାଡ଼ିଆ ଗ୍ରାମର ରଞ୍ଜନ ପାତ୍ର (୨୬) ଓ ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ଝିମତିରା ଗ୍ରାମର ବିଜୟ ଯେନା(୨୫)।

ପ୍ରକାଶ ଯେ, ଗତ ଜୁନ୍ ୨୨ରେ ଭଦ୍ରକ ସାମରାଇପୁର କଲ୍ୟାଣନଗରର ଅଜୟ କୁମାର ମଲ୍ଲିକଙ୍କର ଏକ ବାଇକ୍ ଚୋରି ନେଇ ଗ୍ରାମାଞ୍ଚଳ ଥାନାରେ ଏତଲା ଦିଆଯାଇଥିଲା। ଏନେଇ ପୋଲିସ ମାମଲା (ନଂ.୩୩୩/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଉକ୍ତ ବାଇକ୍ ଟାଉନ ଥାନା ପରିସରରେ ଥିବା ବେଳେ ଜବତ କରାଯାଇଥିଲା। ଟାଉନ ଥାନାର ସିସିଟିଭି ଓ ଅନ୍ୟ କେତେକ ଅଞ୍ଚଳର ସିସିଟିଭି ଯାଞ୍ଚ କରିବା ପରେ ରଞ୍ଜନ ଏହି ଗାଡ଼ି ଧରି ବୁଲୁଥିବାର ଜଣାପଡ଼ିଥିଲା। ଶନିବାର ରାତିରେ ପୋଲିସ ରଞ୍ଜନଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ୫ ଚୋରି ବାଇକ୍ ଜବତ କରିଥିଲା। ପଚରାଉଚରା ପରେ ରଞ୍ଜନଙ୍କଠାରୁ ଅନ୍ୟ କେତେଜଣ ସହଯୋଗୀଙ୍କ ନାଁ ଓ ଠିକଣା ପୋଲିସ ପାଇଥିଲା। ପରେ ବିଜୟଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ୨ଟି ବାଇକ୍ ଜବତ କରିଥିଲା। ସୂଚନାଥାଉକି, ବିଜୟ ଆଗରୁ ବାଇକ୍ ଚୋରି ମାମଲାରେ ଜେଲ ଯାଇଥିଲେ। ପରେ ତିହିଡ଼ି ଓ ସାବରଙ୍ଗ ଅଞ୍ଚଳରେ ଚଢ଼ାଉ କରାଯାଇ ଆଉ ୨ଟି ବାଇକ୍ ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।



ପୋଲିସ ସହ ଗିରଫ ଦୁଇ ଅଭିଯୁକ୍ତ।

